# NATIONAL NEWS BULLETIN (ODIA)
## 02nd February - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଦିଲ୍ଲୀବାସୀଙ୍କ ଆଶା ଓ ଆକାଂକ୍ଷାକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବାକୁ ବି.ଜେ.ପି.ର ପ୍ରତିଶ୍ରୁତି ।

— ଆର୍.କେ.ପୁରମ୍‌ଠାରେ ନିର୍ବାଚନୀ ସଭାକୁ ସମ୍ବୋଧନ କରି କହିଲେ ପ୍ରଧାନମନ୍ତ୍ରୀ ।

- ସରକାର ପ୍ରତିରକ୍ଷା ଓ ରେଳବାଇ କ୍ଷେତ୍ରପାଇଁ ବଜେଟ୍‌ରେ ଯଥେଷ୍ଟ ଅର୍ଥ ଆବଣ୍ଟନ କରିଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଲେ ରେଳମନ୍ତ୍ରୀ ।
- ଗଭୀର ସାମୁଦ୍ରିକ ଅଧ୍ୟୟନପାଇଁ ସ୍ୱତନ୍ତ୍ର ପରିକଳ୍ପିତ ଅଭିଯାନ ନିମନ୍ତେ ବଜେଟ୍‌ରେ ୬ ଶହ କୋଟି ଟଙ୍କା ବ୍ୟୟବରାଦ ।
- ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ଭବନରେ 'ହର୍ କଣ୍ଠ ମେ ଭାରତ' କାର୍ଯ୍ୟକ୍ରମର ଶୁଭାରମ୍ଭ ।

ଏବଂ

- ଭାରତ-ଇଂଲଣ୍ଡ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଅନ୍ତିମ ମ୍ୟାଚ୍ ମୁମ୍ବାଇର ଓ୍ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଜାରି; ଟସ୍ ଜିତି ଇଂଲଣ୍ଡର ବୋଲିଂ ନିଷ୍ପତ୍ତି ।

## ଦିଲ୍ଲୀ କ୍ୟାମ୍ପେନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପ୍ରଚାର ପାଇଁ ଆଉ ଦୁଇ ଦିନ ବାକି ଥିବା ବେଳେ ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଆମ୍ ଆଦମୀ ପାର୍ଟି, ବିଜେପି ଏବଂ କଂଗ୍ରେସର ପ୍ରମୁଖ ନେତାମାନେ ସେମାନଙ୍କ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ରାଲି ଏବଂ ରୋଡ୍ ସୋ' କରୁଛନ୍ତି।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆର୍.କେ.ପୁରମ୍‌ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ଆମ୍ ଆଦ୍‌ମୀ ପାର୍ଟିର ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଆପ୍ ଦଳ ପ୍ରତି ଘଣ୍ଟାରେ ହତାଶା ଓ ନିରାଶାର ପ୍ରଦର୍ଶନ ସହ ନୂଆ ଯୋଜନା ଘୋଷଣା କରିଚାଲିଛି । ଶ୍ରୀ ମୋଦି ଅଭିଯୋଗ କରି କହିଛନ୍ତି, ଆପ୍ ଦଳ ବିଗତ ୧୧ ବର୍ଷ ଧରି ଦିଲ୍ଲୀର କିଛି ବିକାଶ କରି ନାହିଁ; ବରଂ ଲୋକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛି । ବି.ଜେ.ପି. ଦିଲ୍ଲୀରେ ସରକାର ଗଢ଼ିବା ନିଶ୍ଚିତ ବୋଲି କହିବା ସହ ତାଙ୍କ ସରକାର ଆରୋପ ପ୍ରତ୍ୟାରୋପରେ ସମୟ ନଷ୍ଟ

ନ କରି ଦିଲ୍ଲୀବାସୀଙ୍କ ଆଶା ଓ ଆକାଂକ୍ଷାକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବ ବୋଲି ଶ୍ରୀ ମୋଦି ଆଶ୍ୱାସନା ଦେଇଛନ୍ତି । ଆପ୍ ନେତାମାନେ ଦଳ ଛାଡ଼ି ଯାଉଥିବା ପ୍ରସଙ୍ଗ ଉପରେ ଶ୍ରୀ ମୋଦି କହିଛନ୍ତି, ସେହି ନେତାମାନେ ଜାଣିଛନ୍ତି, ଆପ୍ ଦଳକୁ ଦିଲ୍ଲୀବାସୀ ଘୃଣା କରିବା ଆରମ୍ଭ କଲେଣି ।

ଗତକାଲି ସଂସଦରେ ଉପସ୍ଥାପିତ ହୋଇଥିବା କେନ୍ଦ୍ରୀୟ ବଜେଟ୍ ସମ୍ପର୍କରେ ଶ୍ରୀ ମୋଦି କହିଛନ୍ତି, ସମାଜର ୪ଟି ସ୍ତମ୍ଭ – କୃଷକ, ଯୁବବର୍ଗ, ଗରିବ ଏବଂ ମହିଳାମାନଙ୍କୁ ସଶକ୍ତ କରିବା ସହ ବିକଶିତ ଭାରତ ଗଠନ କ୍ଷେତ୍ରରେ ସମସ୍ତ ଆଶା ଓ ଆକାଂକ୍ଷାକୁ ଏହି ବଜେଟ୍ ପୂରଣ କରିପାରିବ । ସମଗ୍ର ଦେଶର ମଧ୍ୟବିତ୍ତ ଶ୍ରେଣୀର ଲୋକ ଏହି ବଜେଟ୍‌କୁ ସନ୍ତୋଷ ବ୍ୟକ୍ତ କରୁଛନ୍ତି । ସେ ପୁଣି କହିଛନ୍ତି, ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଆୟକର ଛାଡ଼ କରାଯାଇଥିବା ଯୋଗୁଁ ମଧ୍ୟବିତ୍ତ ବର୍ଗର ଲୋକମାନେ ହଜାର ହଜାର ଟଙ୍କା ସଞ୍ଚୟ କରିପାରିବେ । ବିଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତି ଦଶମ ସ୍ଥାନରୁ ପଞ୍ଚମ ସ୍ଥାନରୁ ଉନ୍ନୀତ ହେବା ସହ ନାଗରିକମାନଙ୍କର ଆୟରେ ବୃଦ୍ଧି ଘଟିଛି । ସେ କହିଛନ୍ତି, ବି.ଜେ.ପି. ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶର ମଙ୍ଗଳ ତଥା ଜନସାଧାରଣଙ୍କ କଲ୍ୟାଣପାଇଁ ପ୍ରତିଟି ପଇସାର ସୁବିନିଯୋଗ କରିବ ।

ଅନ୍ୟପକ୍ଷରେ ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଦିଲ୍ଲୀର

ଐତିହାସିକ ପରମ୍ପରା, ସଂସ୍କୃତି ଓ ସୌହାର୍ଦ୍ଦ୍ୟକୁ ଅକ୍ଷୁଣ୍ଣ ରଖାଯିବ । ଦିଲ୍ଲୀବାସୀ ବି.ଜେ.ପି.କୁ ଭୋଟ୍ ଦେବାପାଇଁ ମନସ୍ଥ କରିସାରିଲେଣି ବୋଲି ଶ୍ରୀ ବୈଷ୍ଣବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଇତିମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟିର ଆବାହକ ଅରବିନ୍ଦ କେଜରିୱାଲ୍ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ପତ୍ର ଲେଖି ବି.ଜେ.ପି. କର୍ମୀ ଓ ଦିଲ୍ଲୀ ପୁଲିସ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ତାଙ୍କ ଦଳର କର୍ମୀମାନଙ୍କୁ ବି.ଜେ.ପି. କର୍ମୀମାନେ ଆକ୍ରମଣ କରୁଛନ୍ତି ବୋଲି ଶ୍ରୀ କେଜରିୱାଲ୍ ଅଭିଯୋଗ କରିଛନ୍ତି ।

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆସନ୍ତା ବୁଧବାର ମତଦାନ ହେବାକୁ ଥିବାବେଳେ ୮ ତାରିଖ ଦିନ ଭୋଟ୍ ଗଣତି କରାଯାଇ ଫଳ ପ୍ରକାଶ ପାଇବ ।

## ଗଭ - ଆଲୋକେଟ୍‌ସ୍

କେନ୍ଦ୍ର ସରକାର ଭିତ୍ତିଭୂମି ସଞ୍ଚାଳିତ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ସଶକ୍ତ କରିବା ସହ ୨୦୨୫-୨୬ ଆର୍ଥିକ ବର୍ଷପାଇଁ କେନ୍ଦ୍ରୀୟ ବଜେଟ୍‌ରେ ୧୧ ଲକ୍ଷ ୨୧ ହଜାର କୋଟି ଟଙ୍କାର ପୁଞ୍ଜିଗତ ବ୍ୟୟର ଲକ୍ଷ୍ୟ ରଖିଛନ୍ତି ।

ସରକାର ପ୍ରତିରକ୍ଷା ଓ ରେଳବାଇପାଇଁ ବଜେଟ୍‌ରେ ଯଥେଷ୍ଟ ଅର୍ଥ ଆବଣ୍ଟନ କରିଛନ୍ତି । ଚଳିତ ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ରପାଇଁ ରେକର୍ଡ଼ ୬

ଲକ୍ଷ ୮୧ ହଜାର କୋଟି ଟଙ୍କା ଆବଣ୍ଟିତ ହୋଇଛି, ଯାହା ଚଳିତ ଆର୍ଥିକ ବର୍ଷଠାରୁ ୯ ଦଶମିକ ୫/୩ ପ୍ରତିଶତ ଅଧିକ । ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରେଳବାଇପାଇଁ ବଜେଟ୍‌ରେ ପୁଞ୍ଜିଗତ ବ୍ୟୟ ବହୁତ ଅଧିକ ରହିଛି । ସରକାର ରେଳବାଇପାଇଁ ୨ ଲକ୍ଷ ୫୨ ହଜାର କୋଟି ଟଙ୍କା ଆବଣ୍ଟିତ କରିଛନ୍ତି ।

## ସବୁଦ୍ରଯାନ ମିଶନ

ସ୍ୱତନ୍ତ୍ର ଭାବେ ନିର୍ମିତ ବୁଡ଼ାଜାହାଜ 'ସମୁଦ୍ରଯାନ' ସହାୟତାରେ ଗଭୀର ସମୁଦ୍ର ମଧ୍ୟକୁ ବୈଜ୍ଞାନିକମାନଙ୍କୁ ପଠାଇ ସାମୁଦ୍ରିକ ଅଧ୍ୟୟନ କରିବାର ସ୍ୱତନ୍ତ୍ର ପରିକଳ୍ପିତ ଅଭିଯାନ ସଫଳ ହେବାକୁ ଯାଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କଦ୍ୱାରା ଗତକାଲି ଉପସ୍ଥାପିତ ହୋଇଥିବା କେନ୍ଦ୍ରୀୟ ବଜେଟ୍‌ରେ ଗଭୀର ସମୁଦ୍ର ଅଭିଯାନପାଇଁ ୬ ଶହ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ଅଭିଯାନରେ ବୈଜ୍ଞାନିକମାନଙ୍କୁ ଗଭୀର ସମୁଦ୍ରକୁ ପଠାଯାଇ ସମୁଦ୍ର ଚଟାଣର ମାନଚିତ୍ରଣ, ସମୁଦ୍ରର ୬ ହଜାର ମିଟର ଗଭୀରକୁ ମାନବଯୁକ୍ତ ବୁଡ଼ାଜାହାଜ ପଠାଇବା ଲାଗି ଉନ୍ନତ ପ୍ରଯୁକ୍ତିବିଦ୍ୟା ପାଇଁ ବଜେଟ୍‌ରେ ଏହି ବ୍ୟବସ୍ଥା କରାଯାଇଛି ।

ଏତଦ୍‌ବ୍ୟତୀତ ଏହି ଅଭିଯାନରେ ଗଭୀର ସମୁଦ୍ରର ଜୈବସମ୍ବଳର ସ୍ଥାୟୀ ଉପଯୋଗିତା ସହ ଉପତଟୀୟ ତାପଜଶକ୍ତି ଚାଳିତ ଲୁଣିପାଣିରୁ ମଧୁର ଜଳ ସଂଗ୍ରହ ନିମନ୍ତେ କାରଖାନା ବିକଶିତ ପାଇଁ ଇଞ୍ଜିନିୟରିଂ ଡିଜାଇନ ବିକାଶ କରିବା ଲକ୍ଷ୍ୟ ରହିଛି ।

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ମିଶନ ମୌସମପାଇଁ ମଧ୍ୟ ୧ ହଜାର ୩୨୯ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି । ଭୂ-ବିଜ୍ଞାନ ମନ୍ତ୍ରଣାଳୟଦ୍ୱାରା ଏହି ଅଭିଯାନ ଅନ୍ତର୍ଗତ ଦେଶରେ ଜଳବାୟୁ ପୂର୍ବାନୁମାନ କ୍ଷମତାକୁ ଅଧିକ ସୁଦୃଢ଼ କରାଯାଇପାରିବ । ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଗଭୀର ସମୁଦ୍ର ଅଭିଯାନ କ୍ଷେତ୍ରରେ ଅଗ୍ରସର ହେଉଥିବାବେଳେ କେନ୍ଦ୍ରୀୟ ବଜେଟ୍‌ରେ ପ୍ରାୟ ୩ ହଜାର ୬୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

## ଆକାଶବାଣୀ - ହର୍ କଣ୍ଠ ମେ ଭାରତ

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ଭବନରେ ଆକାଶବାଣୀର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ 'ହର କଣ୍ଠ ମେଁ ଭାରତ'ର ଶୁଭାରମ୍ଭ ହୋଇଛି। ଆଜିଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ୨୧ଟି ଆକାଶବାଣୀ କେନ୍ଦ୍ରରୁ ସକାଳ ସାଢ଼େ ୯ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ।

ଏହି କାର୍ଯ୍ୟକ୍ରମକୁ ସଂସ୍କୃତି ମନ୍ତ୍ରଣାଳୟର ସଚିବ ଅରୁଣିଷ ଚାଓ୍ୱଲା ଏବଂ ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ– ସି.ଇ.ଓ. ଗୌରବ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ ଗୌର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

## ପି.ଏମ୍. - ମହାକୁମ୍ଭାଭିଷେଗାମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଏବଂ ଇଣ୍ଡୋନେସିଆ ସମ୍ପର୍କ କେବଳ ଭୂ-ରାଜନୈତିକ ସ୍ତରରେ ସୀମିତ ନୁହେଁ; ବରଂ ହଜାର ହଜାର ବର୍ଷର ପୁରାତନ । ଇଣ୍ଡୋନେସିଆର ଜାକର୍ତ୍ତାରେ ଶ୍ରୀସନାତନ ଧର୍ମ ଆଲୟମ୍ ମହାକୁମ୍ଭାଭିଷେଗାମ୍ ଅବସରରେ ଶ୍ରୀ ମୋଦି କହିଛନ୍ତି, ଭାରତ ଓ ଇଣ୍ଡୋନେସିଆ ସଂସ୍କୃତି, ସଭ୍ୟତାଗତ ସମ୍ବନ୍ଧ ଏବଂ ଆଧ୍ୟାତ୍ମିକତା ମାଧ୍ୟମରେ ଯୋଡ଼ି ହୋଇଛି । ସେ କହିଛନ୍ତି, ଯେତେବେଳେ ଜଣେ ଭାରତୀୟ ଇଣ୍ଡୋନେସିଆର ପ୍ରମ୍ବାନାନ ମନ୍ଦିରକୁ ଯାଇଥାଏ । ସେଠାରେ ତାକୁ ଭାରତର କାଶି ଓ କେଦାରନାଥ ମନେ ପଡ଼ିଥାଏ ।

# ମାଣ୍ଡବୀୟ - ନାଭି ମାରାଥନ୍

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଆଜି ନୂଆଦିଲ୍ଲୀରେ ଭାରତୀୟ ନୌସେନାଦ୍ୱାରା ଆୟୋଜିତ ଅର୍ଦ୍ଧମାରାଥନ୍‌ର ଉଦ୍‌ଘାଟନୀ ସଂସ୍କରଣର ଶୁଭାରମ୍ଭ କରିଛନ୍ତି । ଏହି ମାରାଥନ୍‌ରେ ବିଭିନ୍ନ ବୟସ ଓ ପେସାର କ୍ରୀଡ଼ାବିତ୍‌ମାନେ ଦୃଢ଼ସଙ୍କଳ୍ପ, ଧୈର୍ଯ୍ୟ ଓ ଉତ୍ତମ କ୍ରୀଡ଼ାକୌଶଳ ପ୍ରଦଶର୍ନ କରିଥିଲେ । ଏହି ମାରାଥନ୍ ୨୧ ଦଶମିକ ୧ କିଲୋମିଟର, ୧୦ କିଲୋମିଟର ଓ ୫ କିଲୋମିଟର ଭଳି ୩ଟି ବର୍ଗରେ ଆୟୋଜିତ ହୋଇଥିଲାବେଳେ ୧୦ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଅଂଶଗ୍ରହଣ କରିଥିଲେ । ଜବାହରଲାଲ୍ ନେହେରୁ ଷ୍ଟାଠଡିୟମ୍‌ରୁ ଆରମ୍ଭ ହୋଇ ଇଣ୍ଡିଆଗେଟ୍ ଓ ଐତିହାସିକ କର୍ତ୍ତବ୍ୟ ପଥ ଦେଇ କ୍ରୀଡ଼ାବିତ୍‌ମାନେ ମାରାଥନ୍ ଦୌଡ଼ିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବାହିନୀ ମୁଖ୍ୟ, ନୌସେନା ଓ ବିମାନ ବାହିନୀ ମୁଖ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଜୀବନର ପ୍ରତି କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ଫିଟ୍‌ନେସ୍‌କୁ ଅଗ୍ରାଧିକାର ଦେବା, ଶାରୀରିକ କାର୍ଯ୍ୟକଳାପ ଜାରି ରଖିବା ସହ ଏକ ଉତ୍ତମ ଜୀବନଶୈଳୀ ଆପଣାଇବା ଦିଗରେ ପ୍ରୋତ୍ସାହିତ କରିବା ଏହି ଐତିହାସିକ କାର୍ଯ୍ୟକ୍ରମର ଲକ୍ଷ୍ୟ । ପ୍ରତିଯୋଗିତା ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ୟୁ.ପି. - ୱେଟ୍‌ଲାଣ୍ଡସ୍ ଡେ

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଦେଶ ସ୍ୱାଧୀନତାର ୬୫ ବର୍ଷରେ ମାତ୍ର ୨୩ଟି ଆର୍ଦ୍ରଭୂମି ଅଞ୍ଚଳ ଚିହ୍ନଟ ହୋଇଥିଲା; ମାତ୍ର ଗତ ୧୦ ବର୍ଷରେ ଦେଶ ମଧ୍ୟରେ ୬୩ଟି ନୂତନ ଆର୍ଦ୍ରଭୂମି ଅଞ୍ଚଳ ଚିହ୍ନଟ ହୋଇପାରିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ବିଶ୍ୱ ଆର୍ଦ୍ରଭୂମି ଦିବସ ଅବସରରେ ଗୋଣ୍ଡାସ୍ଥିତ ପାର୍ବତୀ ଅର୍ଗା ପକ୍ଷୀ ଅଭୟାରଣ୍ୟରେ "ଆମ ସମସ୍ତଙ୍କ ଭବିଷ୍ୟତପାଇଁ ଆର୍ଦ୍ରଭୂମି ସଂରକ୍ଷଣ" ଶୀର୍ଷକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ମଧ୍ୟ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ କହିଛନ୍ତି, ପରିବେଶ ସଂରକ୍ଷଣ କ୍ଷେତ୍ରରେ ତାଙ୍କ ସରକାର ୮ ବର୍ଷରେ ୨ କୋଟି ୧୦ ଲକ୍ଷ ଚାରାରୋପଣ କରିଛି । ସେଥିମଧ୍ୟରୁ ୭୦ ପ୍ରତିଶତ ଚାରା ସୁରକ୍ଷିତ ରହିଛି । ଏହାଦ୍ୱାରା ଗୋଣ୍ଡା ଅଞ୍ଚଳର ବିକାଶ ହେବା ସହ ପରିବେଶ ସଂରକ୍ଷଣ, ପର୍ଯ୍ୟଟନ ତଥା ସ୍ଥାନୀୟ ଅର୍ଥବ୍ୟବସ୍ଥା ମଧ୍ୟ ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ ଯୋଗୀ କହିଛନ୍ତି ।

## ମେନ୍‌ସ କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଭାରତ-ଇଂଲଣ୍ଡ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ଅନ୍ତିମ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ମୁକାବିଲା ଜାରି ରହିଛି ।

ଇଂଲଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ୩ ଓଭର୍ ୩ଟି ବଲ୍‌ରେ ୧ ୱିକେଟ୍ ହରାଇ ୪୮ ରନ୍ ସଂଗ୍ରହ କରିଛି ।

ଏହି ଶୃଙ୍ଖଳାରେ ଭାରତ ୩-୧ରେ ଜିତିସାରିଛି । ଏହି ଟି-ଟ୍ୱେଣ୍ଟି ସିରିଜ୍ ପରେ ଇଂଲଣ୍ଡ ଭାରତ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ମ୍ୟାଚ୍ ଖେଳିବ । ଆସନ୍ତା ୬, ୯ ଓ ୧୨ ତାରିଖରେ ଏହି ଦିନିକିଆ ମ୍ୟାଚ୍‌ଗୁଡ଼ିକ ଖେଳାଯିବ ।

## ୟୁ-୧୯ - ୱିମେନ୍ କ୍ରିକେଟ୍

କୁଆଲାଲମ୍ପୁରସ୍ଥିତ ବାଇମାସ ଓଭାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଆଇ.ସି.ସି. ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଫାଇନାଲ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୯ ୱିକେଟ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱ ଚାମ୍ପିୟନ୍ ହୋଇଛି । ଗୋଙ୍ଗାଡ଼ି ତ୍ରିସାଙ୍କ ଅପରାଜିତ ୪୪ ରନ୍ ବଳରେ ନିକି ପ୍ରସାଦ ନେତୃତ୍ୱାଧୀନ ଭାରତୀୟ ଦଳ ୮୩ ରନ୍‌ର ବିଜୟ ଲକ୍ଷ୍ୟକୁ ୧୨ ଓଭରରରେ ହାସଲ କରି ନେଇଥିଲା । ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୮୨ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ମାଇକ୍ ଭାନ୍ ଭୁରୁଷ୍ଟ

ସର୍ବାଧିକ ୨୩ ରନ୍ କରିଥିଲେ । ଭାରତ ପକ୍ଷରୁ ଗୋଙ୍ଗାଡ଼ି ତ୍ରିସା ୩ଟି ୱିକେଟ୍ ନେଇଥିବାବେଳେ ବୈଷ୍ଣବୀ ଶର୍ମା, ଆୟୁସି ଶୁକ୍ଲା ଓ ପାରୁଣିକା ସିସୋଦିଆ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଫାଇନାଲ୍ ମ୍ୟାଚ୍‌ରେ ୪୪ ରନ୍ ସହ ୩ଟି ୱିକେଟ୍ ନେଇଥିବା ଗୋଙ୍ଗାଡ଼ି ତ୍ରିସାଙ୍କୁ ଆଜିର ଶ୍ରେଷ୍ଠ ଖେଳାଳୀ ଓ ଚଳିତ ବିଶ୍ୱକପ୍‌ରେ ୩୦୯ ରନ୍ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଛନ୍ତି । ଅନ୍ୟପକ୍ଷରେ ବୈଷ୍ଣବୀ ଶର୍ମା ୬ଟି ମ୍ୟାଚ୍‌ରୁ ଗୋଟିଏ ହ୍ୟାଟ୍ରିକ୍ ସହ ୧୩ଟି ୱିକେଟ୍ ନେଇ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୱିକେଟ୍ ହାସଲକାରୀ ହୋଇପାରିଛନ୍ତି ।

*****